# Akashvani, Sambalpur

## SAMBALPURI NEWS MORNING BULLETIN

## 1 March 2026 - 6.47- 6.52 am.

---

ବିକାଶ୍ ମନ୍ଥନ୍-ମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଠାନେ ଚାଲିଥିବା 'ବିକାଶ୍ ମନ୍ଥନ୍ ୧.୦ - ଗଭର୍ଣ୍ଣେନ୍ସ ଇନ୍ ଏକ୍ସନ୍' କାର୍ଯ୍ୟକ୍ରମ୍‌ର ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ଗଲା ୨୦ ମାସର୍ ସଫଲତା ଉପସ୍ଥାପନ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଇ ସମିଆ ଭିତ୍‌ରେ ଓଡ଼ିଶାର୍ ଅଭିବୃଦ୍ଧି ହାର ୭ ଦଶ୍‌ମିକ୍ ୯ ପ୍ରତିଶତ୍ ରହିଛେ, ୨୦ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଆକର୍ଷିତ ହେଇଛେ ଆଉ ଶହେ ୯ ଟା ପ୍ରକଳ୍ପଥି ଲାଖେ ୭୬ ହଜାର୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେଇଛେ । ମୁଖ୍ୟମନ୍ତ୍ରୀ ଜନେଇଛନ୍ ଯେ, ପହେଲାଥର୍ ଲାଗି ରାଜ୍ୟ ବଜେଟ୍ ୩ ଲାଖ୍ କୋଟି ଟଙ୍କା ପାର୍ କର୍‌ବାର୍‌କେ ଯାଉଛେ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମହିଳା ସଶକ୍ତିକରଣ୍ ଆଉ ଭିତିଭୂମି ଉନ୍ନତିଥି ସର୍‌କାର୍ ଜୋର୍ ଦଉଛନ୍

ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଲନୀଥି ୫ ଶହ ନୁ ଅଏତ୍କା ନୀତିନିର୍ଦ୍ଧାରକ, ବିଶେଷଜ୍ଞ ଆଉ ଅଧିକାରୀମାନେ ଭାଗ୍ ନେଇଥିଲେ । ଇ ଅବ୍ସରେ ମୁଖ୍ୟ ଶାସନ୍ ସଚିବ ଅନୁଗର୍ଗ ଆଉ ଉନ୍ନୟନ୍ କମିଶନର୍  ଦେଓରଞ୍ଜନ୍ କୁମାର୍ ସିଂହଦେଓ ପ୍ରମୁଖ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି        ଆଇ.ଆଣ୍ଡ୍.ପି.ଆର

ଭୁବ୍ନେଶ୍ୱର୍ ନ ଆଏବାକାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍ଗା ଜରୁରୀ କାମ୍ ଥିବାର୍ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଧର୍ମେନ୍ଦ୍ର ପ୍ରଧାନ୍             ଆର୍ଏନ୍ୟୁ/ କଟକ୍

ଅନୁଗୁଲ୍ ଜିଲ୍ଲା ନ ଶିଳ୍ପ ସହେତେ କୃଷି ଆଉ ପର୍ଯ୍ୟଟନ୍ର ବିକାଶ୍ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଜୋର୍ ଦେଇଛନ୍ । ଜିଲ୍ଲା

ବାଣିଜ୍ୟ ଶିଳ୍ପ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହଥି ଯୋଗ୍‌ଦେଇକରି କେନ୍ଦ୍ରମନ୍ତ୍ରୀ କହିଛନ୍, ରାଜ୍ୟର୍ ଶିଳ୍ପ ସମୃଦ୍ଧିକେ ନୂଆଁ ସିଘେ ପହଁଚାବାର୍‌ଥି ଜିଲ୍ଲା ମୁଖିଆ ଭୂମିକା ନେଇଛେ । କୁଇଲା, ଲୁହା, ଆଲୁମିନିୟମ୍ ଆଉ ରାସାୟନିକ୍ ଶିଳ୍ପକ୍ଷେତ୍ରଥି ରାଜ୍ୟ ଆଉ ଦେଶ୍‌କେ ସବୁନୁ ଅଏତ୍‌କା ରାଜସ୍ୱ ଦଉଛେ । ଇଲାକାର୍ ଯୁଆନ୍ ପିଢ଼ିଙ୍କୁ ଖାଲି ଚାକିରୀ ପଛ୍‌ଆଡ଼େ ନାଇଁ ଯାଇକରି ନିଜେ ୱେଲ୍‌ଥ କ୍ରିଏଟର୍ ହେବାର୍ ଲାଗି କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ । ଇ ଅବ୍‌ସରେ ମସ୍ୟ ଆଉ ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଆଉ ଶିଳ୍ପ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚରଣ ସ୍ୱାଇଁ ପ୍ରମୁଖ ଯୋଗ୍ ଦେଇଥିଲେ ।

ଅପରେସନ୍ ସାଇବର୍ କବଚ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସାଇବର୍ ଅପରାଧ୍‌କେ ରୁକ୍‌ବାର୍ ଲାଗି ଓଡ଼ିଶା ପୁଲିସ୍ ତରଫୁ ଅପରେସନ୍ ସାଇବର୍ କବଚ ଜାରି ହେଇଛେ । ଇ ଅଭିଯାନ୍‌ଥି ଏବ୍‌ତକ୍ ରାଏଜେ ମୋଟ୍ ୨୧ ହଜାର୍ ଶହେ ୬୨ ଟା ବେନାମୀ ବେଙ୍କ୍ ଏକାଉଂଟ୍ ଯାଂଚ୍ କରାଯିବାର୍ ସହେତେ ୨ ଶହ

୭୩ ଜଣଙ୍କୁ ଗିରଫ୍ କରାଯାଇଛି । ରାଜ୍ୟବାସୀଙ୍କର୍ ଡିଜିଟାଲ୍ କାର୍‌ବାର୍‌ର ସୁରକ୍ଷା ଲାଗି ଓଡ଼ିଶା ପୁଲିସ୍ ସବୁବେଳେ ପ୍ରତିଶ୍ରୁତିବଦ୍ଧ । ସାଇବର୍ ଅପରାଧ୍ ମୁକ୍ତ ରାଜ୍ୟ ଗଠନ୍ ଲାଗି ଇ ଅଭିଯାନ୍ ଆଏବା ଦିନେ ଆହୁରି କଡ଼ାକଡ଼ି କରାଯିବା ବଲି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ କହିଛନ୍ ।

ଅଗ୍ନିବୀର୍- ପ୍ରବେଶିକା ପରୀକ୍ଷା ବର୍‌ଗଡ଼୍ ସମ୍ବାଦଦାତା

୨୦୨୬-୨୭ ବଛ୍‌ରେ ଭାରତୀୟ ସେନାର୍ ଅଗ୍ନିପଥ ଯୋଜ୍‌ନା ଆଉ ନିୟମିତ କେଡ଼ର୍ ନିଯୁକ୍ତି ଲାଗି ସାଧାରଣ ପ୍ରବେଶିକା ପରୀକ୍ଷା କର୍‌ବାର୍‌କେ ପଞ୍ଜିକରଣ୍ ପ୍ରକ୍ରିୟା ଫେବୃଆରୀ ୧୩ ତାରିଖ୍‌ନୁ ମୁଲ୍ ହେଇଛେ । ଇ ପ୍ରକ୍ରିୟା ଏପ୍ରିଲ୍ ୧ ତାରିଖ୍‌ତକ୍ ଚାଲ୍‌ବା । ଯୋଗ୍ୟ ଆଶାୟୀମାନେ www.joinindianarmy.nic.in ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ । ସମ୍ବଲପୁର, ବର୍‌ଗଡ଼୍, ବଲାଙ୍ଗିର୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍, ସୁନ୍ଦର୍‌ଗଡ଼୍, ଅନୁଗୁଲ୍, ଢେଙ୍କାନାଲ୍ ଆଉ କେନ୍ଦୁଝର୍ ଜିଲ୍ଲାର୍ ଆଶାୟୀମାନେ ଅଏତ୍‌କା

ତଥ୍ୟ ଜାନ୍‌ବାର୍ ଲାଗି ସମ୍ବଲ୍‌ପୁର୍ ସେନା ନିଯୁକ୍ତି କାର୍ଯ୍ୟାଳୟ ସାଙ୍ଗେ ଯୋଗାଯୋଗ୍ କରିପାର୍‌ବେ ।

ବଲାଙ୍ଗିର- ଗ୍ରୀଷ୍ମ ପ୍ରବାହ ବୈଠକ୍ ବଲାଙ୍ଗିର୍ ସମ୍ବାଦଦାତା

ଆଏବା ଖରାଦିନେ ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ବଲାଙ୍ଗିର୍ ଜିଲ୍ଲାର୍ ଟିଟିଲାଗଡ୍ ଉପଜିଲ୍ଲାପାଲ୍ ପଦ୍ମନାଭ ସାମନ୍ତରାୟଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଆସୁଥିବା ଖରାକେ ନଜର୍‌ଥି ରଖିକରି ଲୁକେ ଯେନ୍ତା କେନ୍‌ସି ପ୍ରକାରର୍ ଅସୁବିଧାର୍ ସାମ୍ନା ନାଇଁ କରନ୍ ସେଥିର୍‌ଲାଗି ତୟାର୍ ରହେବାର୍‌କେ ଭିନ୍ ଭିନ୍ ବିଭାଗ୍ ଅଧିକାରୀମାନ୍‌କୁ ଉପଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ଆଲୋଚନାଚକ୍ର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ନାତକ ମହିଳା ମହାବିଦ୍ୟାଳୟ ଇତିହାସ୍ ବିଭାଗ୍ ତର୍‌ଫୁ 'ରାଜନୀତି ପୃଷ୍ଠଭୂମିଥି ଖଡ଼ିଆଲ୍ ଇତିହାସ୍' ଶୀର୍ଷକ୍ ଆଲୋଚନାଚକ୍ର ହେଇଯାଇଛେ ।

ଆଲୋଚନାଚକ୍ରଥି ଖଡ଼ିଆଲ୍ ରାଜନୀତି ପୃଷ୍ଠଭୂମିଥି ଖଡ଼ିଆଲ୍ ଇତିହାସ୍‌କେ ନେଇକରି ସ୍ୱାଧୀନତା ଆଘର୍ ଆଉ ଉତ୍‌ରର୍ ପରିସ୍ଥିତି ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଯୁବ ସଂସଦ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ୍ ମହାବିଦ୍ୟାଳୟ ନ ବିକଶିତ ଭାରତ ଯୁବ ସଂସଦ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର୍ ସୁଦାମ୍ ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିଥି ମାନେ ସୁସ୍ଥ ସମାଜ୍ ଗଠନ୍ ଲାଗି ଯୁବ ସମାଜ୍‌ର କର୍ତବ୍ୟ ଆଉ ଦାୟିତ୍ୱ ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ 'ଦେଶର୍ ଜରୁରୀକାଲୀନ୍ ପରିସ୍ଥିତି ଆଉ ୫୦ ବର୍ଷର୍ ଗଣତନ୍ତ୍ର' ଶୀର୍ଷକ୍ ଆଲୋଚନାଚକ୍ରଥି ଜିଲ୍ଲାର୍ ଭିନ୍ ଭିନ୍ ମହାବିଦ୍ୟାଳୟନୁ ଆସିଥିବା ଛାତ୍ରଛାତ୍ରୀମାନେ ଭାଗ୍ ନେଇଥିଲେ । ଇନୁ ୫ ଝନ୍ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ରାଜ୍ୟସ୍ତର୍ ଲାଗି ବଛାଯାଇଛେ ।

ମହାନଦୀ ଜଳବିବାଦ ପ୍ରାଧିକରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଗସ୍ତଥି ଆସିଥିବ ମହାନଦୀ ଜଳ ବିବାଦ ପ୍ରାଧିକରଣ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ ଆଉ ସଦସ୍ୟମାନେ ଗଲାକାଏଲ୍ ଆକାଶ୍ ମାର୍ଗନୁ ମହାନଦୀର୍ ଉପର୍ ଆଉ ତଲ୍ ମୁଡ଼େ ସର୍ଭେ କରିଛନ୍ । ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଭୌଗୋଲିକ୍ ଥିତି ଦେଖ୍‌ବାର୍ ସହେତେ ମହାନଦୀର୍ ଉପର୍‌ମୁଡ଼େ କିଛି ଇଲାକାକେ ଯାଇକରି ଆକାଶ୍‌ମାର୍ଗନୁ ନିରୀକ୍ଷଣ୍ କରିଛନ୍ ।

ଟି-୨୦ ବିଶ୍ୱକପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ଟି-୨୦ ବିଶ୍ୱକପ୍ ପୁରୁଷ କ୍ରିକେଟ୍‌ଥି ଆଏଜ୍ ସଞ୍ଜର୍ ୭ ବଜେ ଭାରତ୍ ଆଉ ୱେଷ୍ଟଇଣ୍ଡିଜ୍ ଭିତ୍‌ରେ କୋଲ୍‌କାତାର ଇଡ଼େନ୍ ଗାର୍ଡ଼େନ୍ ଷ୍ଟାଡିୟମ୍ ନ ମେଚ୍ ଖେଲାଯିବା । ସେନ୍ତା ଦିଲ୍ଲୀ ଅରୁଣ୍ ଜେଟ୍‌ଲୀ ଷ୍ଟାଡ଼ିୟମ୍ ନ ଦୁଇପହରର୍ ୩ ବଜେ ଜିମ୍ବାୱେ ଆଉ ଦକ୍ଷିଣ ଆଫ୍ରିକା ଭିତ୍‌ରେ ମେଚ୍ ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ରାଜ୍ୟର୍ ଦିନର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ବଢ଼୍‌ବା । ଆଏବା ୭ ଦିନ୍ ତକ୍ ପାଗ୍ ଏନ୍ତା ଶୁଖା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ ।